## ୫୦ ଫୁଟ ତଳକୁ ଖସିଲା ଟ୍ରକ୍

ବାଙ୍ଗିରିପୋଷି,(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥରେ ଥିବା ଦ୍ୱାରଶୁଣୀ ଘାଟିରେ ସୋମବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାଇପୁରରୁ କୋଲକାତା ଯାଉଥିବା ଏହି ଟ୍ରକ୍‌ଟି ଘାଟିରୁ ୫୦ ଫୁଟ ତଳକୁ ଖସି ପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଚାଳକଙ୍କ ଡାହାଣ ହାତ କଟିଯାଇଥିବାରୁ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ଥାନା ପୋଲିସ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ନ୍ୟାୟ ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧା

ଆନନ୍ଦପୁର, ୬।୯(ସ୍ୱ.ପ୍ର.)-ପୁଅ ବୋହୂ ପଚାରୁ ନାହାନ୍ତି କି ଖାଇବାକୁ ଗଣ୍ଡେ ଦେଉନାହାନ୍ତି। ଏପରିକି ଜମିରୁ ମିଳୁଥିବା ଆୟ ମଧ ତାଙ୍କ ହାତକୁ ଆସୁନି। ଫଳରେ ନ୍ୟାୟ ପାଇଁ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳର ରଜନୀ ସାହୁ (୭୦)। ସେ ଉପଜିଲାପାଳଙ୍କୁ ଭେଟି ତାଙ୍କ ସମସ୍ୟା ଜଣାଇବା ସହ ସମାଧାନ ପାଇଁ ପଦକ୍ଷେପ ନେବାକୁ ଗୁହାରି କରିଛନ୍ତି। ପୂର୍ବରୁ ସେ ଅନେକ ଥର ଥାନାରେ ଏନେଇ ଅଭିଯୋଗ କରିଥିଲେ ମଧ ତାଙ୍କୁ ନ୍ୟାୟ ମିଳିପାରି ନ ଥିବା ସେ କହିଛନ୍ତି। ଉପଜିଲାପାଳ ସରୋଜ କୁମାର ଦତ୍ତ ତାଙ୍କ ଅଭିଯୋଗ ଶୁଣି ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୬।୯(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡ଼ମସିଣାବିଲା ଗ୍ରାମରେ ସୋମବାର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଦଶରଥ ବିଶ୍ୱାଳ (ପୁକୁନ)। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ପାଠ ପଢି ଦୀର୍ଘ ଦିନ ଧରି ଘରେ ବେକାର ହୋଇ ବସିଥିଲେ। ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଘଟଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୪୯/୨୧) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛି।

### ପିକ୍‌ଅପ୍ ଜବତ, ୪ ଗୋରୁ ଉଦ୍ଧାର

ପାଟଣା,୬।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ରବିବାର ବିଳମ୍ବିତ ରାତିରେ ସାହାରପଡା ବ୍ଲକ ମଲାରପଦା ନିକଟରୁ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ଜବତ କରିବାସହ ୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଗୋରୁ ଗୁଡିକୁ ଅତି ଦୟନୀୟ ଅବସ୍ଥାରେ ତେଲକୋଇ ଅଞ୍ଚଳରୁ ଚଢେଇଭୋଲକୁ ଚାଲାଣ କରାଯାଉଥିଲା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଉଦ୍ଧାର ଗୋରୁଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ପରେ ମୟୂରଭଞ୍ଜ ଜିଲା କରଞ୍ଜିଆ ସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ବୈଦ୍ୟ ନାଥ ସାହୁ ସୂଚନା ଦେଇଛନ୍ତି। ଏନେଇ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ. ୯୬/୨୧) ରୁଜୁ କରିଛି।

### ଭୂମିହୀନଙ୍କୁ ଜମିପଟ୍ଟା

ସାରସକଣା,୬।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ତହସିଲ ଅଞ୍ଚଳରେ ସୋମବାର ଭୂମିହୀନମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ସଦର ଉପଜିଲାପାଳ ଅନ୍ୟା ଦାସ ସାରସକଣା ଅଞ୍ଚଳ ପରିଦର୍ଶନ କରିବା ସହିତ ତହସିଲରେ ପହଞ୍ଚି ୧୨ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ। ତହସିଲଦାର ସତ୍ୟବାନ ନାୟକ ଏବଂ ଅତିରିକ୍ତ ତହସିଲଦାର ସାଇକୃଷ୍ଣ ଜେନା ଉପସ୍ଥିତ ଥିଲେ।

### ସଙ୍ଗଠନ ମଜଭୁତ କରିବାକୁ ଗୁରୁତ୍ୱ

ଆରଡ଼ି, ୬।୯ (ଡି.ଏନ.ଏ.)-ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସାଙ୍ଗଠନିକ ସ୍ଥିତି ବୃଦ୍ଧି ନେଇ ଭାଜପା ପ୍ରଥମେ କର୍ମୀମାନଙ୍କୁ ଏକାଠି କରି ବୈଠକ ଆରମ୍ଭ କରିଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି, ନାନ୍ଦପୁର ଓଳଗ, ସୁନ୍ଦରପୁର ଆଦି ପଞ୍ଚାୟତରେ ଏନେଇ ଆଲୋଚନା ଆରମ୍ଭ ହୋଇଛି। ରବିବାର ଓଳଗ ପଞ୍ଚାୟତ ବୋଡ଼କଠାରେ ଭାଜପା ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଏଥିରେ ଯୋଗ ଦେଇଥିଲେ। ଚାନ୍ଦବାଲି ଭାଜପା ଆଖଣ୍ଡଳମଣି ଜୋନ୍‌ର ସଭାପତି କିଶୋର ନାୟକ, ସନ୍ଦୀପ ନାୟକ, ସୁବ୍ରତ ବିଳାସ, ସଦାନନ୍ଦ ମଲିକ, ସୁବାସ ମହାକୁଳ, କାଳନ୍ଦୀ ନାୟକ ପ୍ରମୁଖ ଦଳରେ ଯୋଗ ଦେଇଥିବା ନୂଆ କର୍ମୀଙ୍କୁ ସ୍ୱାଗତ କରିଥିଲେ। ଅମିୟ ବିଶ୍ୱାଳ, ରକ୍ଷାକର ନାୟକ, ଭୋଳା ଶଙ୍କର ନାୟକ, ତ୍ରୈଲୋଚନ ନାୟକ, ଚଗଲା ଯେନା, ବିନୋଦ ମାଝି ଓ ଧ୍ରୁବ ଚରଣ ବେହେରାଙ୍କୁ ନେଇ ଏକ ନିର୍ବାଚନୀ କମିଟି ଗଠନ କରାଯାଇଥିଲା। କୌଣସି କାରଣ ନ ଥାଇ ସାଧାରଣ ଲୋକଙ୍କ ରାଶନ କାର୍ଡ କଟାଯାଉଥିବା ଏହି ଅବସରରେ ବୈଠକରେ ଅଭିଯୋଗ ହୋଇଥିଲା। ଏ ବିଷୟରେ ଆଲୋଚନା କରାଯିବା ସହ ଅଦାଲତ ଆଶ୍ରୟ ନିଆଯାଇ ଲୋକଙ୍କୁ ନ୍ୟାୟ ଦିଆଯିବ ବୋଲି ପୂର୍ବତନ ମନ୍ତ୍ରୀ ସାମଲ ପ୍ରତିଶ୍ରୁତି ଦେଇଥିଲେ।

# ୯୦ ପ୍ରତିଶତ ଅର୍ଥ ଫେରିପାଇଲେ ଜମାକାରୀ

ବାରିପଦା ଅଫିସ,୬।୯

ଦୀର୍ଘ ଦିନ ଧରି ଦାବି ହୋଇଆସୁଥିବା ବାରିପଦା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦିଆଯାଇଛି। ଜମାଥିବା ଅର୍ଥରୁ ୯୦ପ୍ରତିଶତ ଜମାକାରୀଙ୍କ ଆକାଉଣ୍ଟକୁ ପଠାଯାଇଛି। ଜମାକାରୀମାନେ ଆବଶ୍ୟକ ପ୍ରମାଣପତ୍ର ଦେଇ ଟଙ୍କା ଫେରସ୍ତ ପାଉଛନ୍ତି। ତେବେ ବ୍ୟାଙ୍କରୁ ଋଣ ନେଇଥିବା ୩୫ଶହରୁ ଊର୍ଦ୍ଧ୍ୱ ଋଣୀଙ୍କଠାରୁ ସୁଧ ସମେତ ୧୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାର ଉଦଳା, କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦାଠାରେ ଥିବା ବ୍ୟାଙ୍କର ୭୫ ହଜାରରୁ ଊର୍ଦ୍ଧ୍ୱ ଜମାକାରୀ ୨୦୧୪ରୁ ଜମାଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟିଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୭୨୧/୧୫


ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ।

ଫେବୃୟାରୀରେ ବାରିପଦା ଡିଭିଜନ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟିକୁ ଟଙ୍କା ଫେରାଇବାକୁ ଆଦେଶ ଦେବାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ୟାଙ୍କରେ ଥିବା ଜମାକାରୀଙ୍କ ତାଲିକା ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୪୩୭ଜଣଙ୍କ ଆକାଉଣ୍ଟକୁ ମୋଟ ୭କୋଟି ୭ଲକ୍ଷ ୪୨ହଜାର ୮୦୨ଟଙ୍କା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ସର୍ବାଧିକ ଜମାଥିବା ୭୨କୋଟି ଟଙ୍କା ମଧ୍ୟରୁ ଅଦ୍ୟାବଧି ୭୧କୋଟି ୬୨ଲକ୍ଷ ଟଙ୍କା ଜମାକାରୀଙ୍କୁ ଫେରସ୍ତ ଦିଆଯାଇଛି। ତେବେ ବ୍ୟାଙ୍କରୁ ଋଣ ନେଇଥିବା ୪ହଜାର ୫ଶହ ଋଣଖିଲାପୀଙ୍କଠାରୁ ସମୂଳ ସୁଧ ଆକାରରେ ୧୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯିବା ନେଇ ଖୁବଶୀଘ୍ର ନୋଟିସ ଜାରି କରାଯିବ ବୋଲି ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି ।

### ଋଣ ଆଦାୟ ନେଇ ପ୍ରକ୍ରିୟା ଆରମ୍ଭ

୨୦ଜଣ ଋଣଦାତାଙ୍କଠାରୁ ମୋଟ ୮୩ କୋଟି ୪ଲକ୍ଷ ୩୫ହଜାର ଟଙ୍କା ଆଦାୟ କରାଯିବ। ଋଣ ଟଙ୍କା ପୈଠ ନ କଲେ ଋଣ ବାବଦରେ ଦିଆଯାଇଥିବା ସେମାନଙ୍କ ସ୍ଥାବର ସମ୍ପତ୍ତିକୁ ନିଲାମ କରି ଆଇନ ଅନୁଯାୟୀ ସମସ୍ତ ଟଙ୍କା ଆଦାୟ କରାଯିବ ବୋଲି ବ୍ୟାଙ୍କର ମୁଖ୍ୟ ପରିଚାଳକ ଅମରେନ୍ଦ୍ର କର ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ୨୦୧୪ ନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସି ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଇନଗତ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଦୀର୍ଘ ୭ବର୍ଷ ପରେ ଜମାକାରୀମାନେ ନିଜ ଝାଳବୁହା ଧନକୁ ଫେରିପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି ।

# ୨ ସାର ଦୋକାନ ସିଲ୍

ପଦ୍ମପୁର,୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ବଜାରରେ ୨ ସାର ଦୋକାନକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସୂଚନା ଅନୁଯାୟୀ, ଦୁଇ ଦୋକାନରେ ବେଆଇନ ଭାବେ ସାର ଗଚ୍ଛିତ ଥିବା ଅଭିଯୋଗ ହୋଇଥିଲା। ସୋମବାର ଉପଜିଲାପାଳ ପୀତାମ୍ବର ସାମଲ, ଜିଲା କୃଷି ଅଧିକାରୀ ଜଗନ୍ନାଥ ନନ୍ଦ, ପ୍ରସାଦ ନାୟକ, ସାର ନିରୀକ୍ଷକ ସୁଦୀପ୍ତା ପଣ୍ଡା, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ପ୍ରମୁଖ ବଜାରରେ ପହଞ୍ଚିଥିବା ଖବର ପାଇ ଦୋକାନୀମାନେ ଦୋକାନରେ ତାଲା ପକାଇ କେଉଁଆଡ଼େ ପଳାଇ ଯାଇଥିଲେ। ସେମାନେ ନ ଆସିବାରୁ ପ୍ରଶାସନ ପକ୍ଷରୁ ଦୁଇ ଦୋକାନକୁ ସିଲ୍ କରାଯାଇଥିବା ବେଳେ ମହଜୁଦ ସାରର କାଗଜପତ୍ର ଦୁଇଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶ ଅମାନ୍ୟ କଲେ ଆଇନ ଅନୁଯାୟୀ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସାମଲ କହିଛନ୍ତି।

# ପାଇଖାନା ଅର୍ଥ ହଡ଼ପ ପ୍ରତିବାଦରେ ଗଣଧାରଣା

ବାସୁଦେବପୁର,୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ଦୁର୍ନୀତି ପ୍ରତିବାଦରେ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ସୋମବାର ବ୍ଲକ ଅଫିସ ପରିସରରେ ଗଣଧାରଣା ଦେଇଥିଲେ। ହିତାଧିକାରୀଙ୍କ ଅଜାଣତରେ ଅର୍ଥ ଉଠାଯାଇଥିଲେ ମଧ ପାଇଖାନା ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ପାଇଖାନା ଅର୍ଥ ଉଠାଣ ହୋଇଥିବା ଜଣାପଡ଼ିଛି। ଏହି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ ତଦନ୍ତ ନ ହେବା ଓ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଗଣଧାରଣା ଜାରି ରହିଥିଲା।


ହିତାଧିକାରୀମାନେ ବ୍ଲକ ଅଫିସ୍ ପରିସରରେ ଧାରଣାରେ ବସିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭଞ୍ଜସେନାର ଧାରଣା

ବାରିପଦା ଅଫିସ,୬।୯

୬ ଦଫା ଦାବିକୁ ନେଇ ମୟୂରଭଞ୍ଜ ଜିଲାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବାରିପଦା ପୌରପାଳିକାରେ ଥିବା ୨୮ଟି ୱାର୍ଡର ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭଞ୍ଜସେନାର ସହର ସଭାପତି ପ୍ରୀତମ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଓ ଯୁବ ଛାତ୍ର ଏଥିରେ ଯୋଗଦେଇଥିଲେ। ପୌରାଞ୍ଚଳର ଭୂମିହୀନ ଏବଂ ପ୍ରକୃତ ହିତାଧିକାରୀକୁ ଜମି ପଟ୍ଟା ପ୍ରଦାନ କରିବା, ଦୁର୍ଘଟଣା ଓ ଚୋରି ରୋକିବା ପାଇଁ ତୁରନ୍ତ ସହରକୁ ଆଲୋକୀକରଣ କରିବା, ସାଧାରଣ ଜନତାଙ୍କ ସମସ୍ୟା ବୁଝିବା ପାଇଁ ସ୍ୱତନ୍ତ୍ର ୨୪ଘଣ୍ଟିଆ ହେଲ୍ପ ଡେସ୍କ ସ୍ଥାପନ କରିବା ଆଦି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସତ୍ୟସ୍ୱରୂପ ଦାଶ, ପିଣ୍ଟୁ ମାଇତି, ନିର୍ମଳ ତ୍ରିପାଠୀ, ରାକେଶ କୁମାର ବେହେରା, ମାନସ କୁମାର ବେହେରା, ସୌମ୍ୟରଞ୍ଜନ ମିଶ୍ର ଓ ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଅଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେନା ପକ୍ଷରୁ ଚେତାବନୀ ଦିଆଯାଇଛି।


ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## କୀଟନାଶକ ପିଇ ଜୀବନ ହାରିଲେ ବୃଦ୍ଧା

ପାଟଣା,୬।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଟଭାସରୁଆ ପଞ୍ଚାୟତ ଦାସପଡ଼ା ଗ୍ରାମର ଜଣେ ମହିଳା ସୋମବାର ଅପରାହ୍ନରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଜନୀ ନାଏକ। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେମାନେ ବିଲରୁ ଘାସ ବାଛିବା ପାଇଁ ଯାଇଥିବା ବେଳେ ସଜନୀ ବିଷ ପିଇଥିଲେ। ଘର ଲୋକ ବିଲରୁ ଫେରି ତାଙ୍କ ନିକଟରେ କୀଟନାଶକ ବୋତଲ ପଡିଥିବା ଦେଖିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡି ନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଶୋକଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ,୬।୯

ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭଦ୍ରକ ଜିଲା ସ୍କୁଲର ବିଜ୍ଞାନ ଶିକ୍ଷକ ଅଶୋକ ଶତପଥୀଙ୍କୁ ସୋମବାର ଘଣ୍ଟେଶ୍ୱର ସଂଗ୍ରାମୀ ମାୟାଧର ଦାସ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଜିଲାସ୍କୁଲ ପରିସରରେ ଅନୁଷ୍ଠିତ ନିରାଡ଼ମ୍ବର ଉତ୍ସବରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟି ସମ୍ପାଦକ ବଂଶୀଧର ଦାସ ଓ ଲୋପାମୁଦ୍ରା ଦାସ ଅତିଥିଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ ଶତପଥୀଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତପସ୍ୱିନୀ ଦାସ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରିଥିଲେ। ଜିଲା ସ୍କୁଲର ଶିକ୍ଷକ ନରେନ୍ଦ୍ର ସାହୁ, ସେକ୍ ସମିଉଲ୍ଲା, ମନୋଜ ରାୟ, ଅଧିବକ୍ତା ଗିରିଧାରୀ ନାଥ, ଅଗଣି ଚରଣ ଜେନା, ବୁଦ୍ଧିଜୀବୀ ଜଇରାମ ଦାସ, ଖବରଦାତା ତପନ ମିଶ୍ର ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ।


ଶିକ୍ଷକ ଅଶୋକ ଶତପଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# କାର୍ଯ୍ୟକ୍ଷମ ହେଲା ପ୍ରାଣୀଧନ ସହାୟକ କେନ୍ଦ୍ର

ବନ୍ତ,୬।୯(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପିନାଥପୁର ପଞ୍ଚାୟତରେ ଗତ ୪ ବର୍ଷ ତଳେ ନିର୍ମାଣ ସରିଥିବା ପ୍ରାଣୀଧନ ସହାୟକ କେନ୍ଦ୍ର ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ କେନ୍ଦ୍ରରେ ପ୍ରାଣୀ ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ସପ୍ତାହର ପ୍ରତି ଗୁରୁବାର ଏଠାରେ ଚିକିତ୍ସା ଉପଲବ୍ଧ ହେବ ବୋଲି ଜଣାଯାଇଛି। ପ୍ରକାଶ ଯେ, ୨୦୧୮ରେ ପ୍ରାଣୀ ସମ୍ପଦ ବିଭାଗର ୬ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ କେନ୍ଦ୍ର ନିର୍ମାଣ ସରିଥିଲେ ମଧ ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ସହ ସ୍ୱେଚ୍ଛାସେବୀ ସଂସ୍ଥା ସିଏଫ୍‌ଡବ୍ଲ୍ୟୁଏସ୍‌ଡିର କର୍ମକର୍ତ୍ତା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଗୃହକୁ ତୁରନ୍ତ ପ୍ରାଣୀ ସମ୍ପଦ ବିଭାଗକୁ ହସ୍ତାନ୍ତର ପାଇଁ ବିଡିଓଙ୍କୁ ଏବଂ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି କରି କାର୍ଯ୍ୟକ୍ଷମ କରିବାକୁ ଜିଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାଦବରାଙ୍ଗ ପ୍ରାଣୀଧନ ନିରୀକ୍ଷକ ରାଜେଶ ବିଶ୍ୱାଳଙ୍କୁ ଗୋପିନାଥପୁର କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପ୍ରକାଶ ମହାପାତ୍ର ପରିଦର୍ଶନ କରି ଆଗରପଡ଼ା ପ୍ରାଣୀ ଚିକିତ୍ସାଧିକାରୀ ଚିତ୍ତରଞ୍ଜନ ଦାସଙ୍କୁ ଉକ୍ତ ଗୃହକୁ ହସ୍ତାନ୍ତର କରିଥିଲେ। ତେବେ ଏଠାରେ ଜଣେ ସ୍ଥାୟୀ ପ୍ରାଣୀଧନ ନିରୀକ୍ଷକଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## କୁଡୁମି ସମାଜ ପକ୍ଷରୁ କଳା ଦିବସ

କେନ୍ଦୁଝର, ୬।୯ (ସ୍ୱ.ପ୍ର./ଡି.ଏନ.ଏ.)

୧୯୫୦ ସେପ୍ଟେମ୍ବର ୬ରୁ କୁଡୁମି ସମ୍ପ୍ରଦାୟକୁ କୌଣସି କାରଣ ନ ଦର୍ଶାଇ ଆଦିବାସୀ ତାଲିକାରୁ ବାଦ୍ କରାଯାଇଛି। ଏହାର ପ୍ରତିବାଦରେ ପ୍ରତିବର୍ଷ ଏହି ଦିନକୁ ଅନ୍ୟାୟ ବା କଳା ଦିବସ ଭାବେ ପାଳନ କରାଯାଇଆସୁଛି। ଓଡ଼ିଶା କୁଡୁମି ସେନାଙ୍କ ନେତୃତ୍ୱରେ କେନ୍ଦୁଝରରେ ଏହି ଅବସରରେ ସ୍ଥାନୀୟ କାଳୀପଡ଼ିଆରୁ ଉକ୍ତ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। କୁଡୁମି ଜାତିକୁ ପୁନଃ ଆଦିବାସୀ ତାଲିକାଭୁକ୍ତ ଓ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ, କୁଡୁମି ବିକାଶ ପରିଷଦ ଗଠନ ଆଦି ନେଇ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି। ଆଦିବାସୀ ବର୍ଗରେ ସାମିଲ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ବେତନଟୀ କୃଷି ଜିଲାରେ ମରୁଡ଼ି ଆଶଙ୍କା ନାହିଁ

ବେତନଟୀ,୬।୯(ଡି.ଏନ.ଏ)

ଚଳିତ ବର୍ଷ କମ୍ ବୃଷ୍ଟିପାତ ଯୋଗୁ ରାଜ୍ୟରେ ମରୁଡ଼ି ଆଶଙ୍କା ଦେଖା ଦେଇଥିବା ବେଳେ ମୟୂରଭଞ୍ଜ ଜିଲା ବେତନଟୀ କୃଷିଜିଲାର ୪ଟି ବ୍ଲକ ଅଞ୍ଚଳରେ ମରୁଡ଼ି ଆଶଙ୍କା ନ ଥିବା ଜଣାପଡ଼ିଛି। ବେତନଟୀ ବ୍ଲକ ସହକାରୀ କୃଷି ଅଧିକାରୀ ଶୁଭେନ୍ଦୁ ଶେଖର ପଣ୍ଡା ରାଜ୍ୟ ସରକାରଙ୍କୁ ଦେଇଥିବା ରିପୋର୍ଟରେ ତଥ୍ୟ ଅନୁଯାୟୀ ଏହି ସୂଚନା ମିଳିଛି। ବେତନଟୀ ବ୍ଲକରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ଶତପ୍ରତିଶତ ଧାନ ଚାଷ ମଧ ହୋଇଛି। ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ମରୁଡ଼ି ଆଶଙ୍କା ନ ଥିବା ସେ ରାଜ୍ୟ ସରକାରଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି। ଏହି କୃଷି ଜିଲା ଅଧୀନ ମୋରଡ଼ା, ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକରେ ମଧ ମରୁଡ଼ି ଆଶଙ୍କା ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଆଗକୁ ଯଦି ବର୍ଷାର ପରିମାଣ କମେ ତେବେ ମରୁଡ଼ି ଆଶଙ୍କା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

# ସମସ୍ୟାକୁ ପ୍ରସଙ୍ଗ କରିବ ଦଳ

ଭଦ୍ରକ ଅଫିସ,୬।୯

### ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଭଦ୍ରକ ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଦିବଂଗତ ନେତା ସଂଗ୍ରାମ ଜେନାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଜିଲାରେ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏହିସବୁ ସମସ୍ୟାକୁ ନେଇ ଦଳ ପଞ୍ଚାୟତ ଓ ପୌର ନିର୍ବାଚନରେ ପ୍ରସଙ୍ଗ କରି ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଜିଲା ସଭାପତି ଦାସ କହିଥିଲେ। ପରେ ଜିଲା ଓ ବ୍ଲକ ସ୍ତରରେ ମନୋନୀତ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଉପସଭାପତି ଭାବେ ଦିଲୀପ ନାୟକ, ଉମେଶ ସାହୁ, ତ୍ରୈଲୋଚନ ପଣ୍ଡା, ନିଶିକାନ୍ତ ନାୟକ, ଚନ୍ଦ୍ରକାନ୍ତ ମହାପାତ୍ର, ଆଦିତ୍ୟ ଗିରି, ସାଧାରଣ ସମ୍ପାଦକ ଭାବେ ରମଣୀ ରଞ୍ଜନ ଦାସ, ଆନନ୍ଦ ଓଝା, ଅଜୟ ଦାସ, ନିରଞ୍ଜନ ପଲେଇ, କୋଷାଧ୍ୟକ୍ଷ ଭାବେ ରଜତ ପଣ୍ଡା ଓ ମୁଖପାତ୍ର ଭାବେ ଭବେନ୍ଦ୍ର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ଶୃଙ୍ଖଳା କମିଟିରେ ପୀତାମ୍ବର ନାୟକ, ଅମୂଲ୍ୟ ବେହୁରିଆ, ସେକ୍ ଜୁଲଫୁକାର ଅଲି, ଅନନ୍ତ ଚରଣ ଦାସ ଓ ନିରଞ୍ଜନ ମଲ୍ଲିକ ରହିଛନ୍ତି। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଜିଲା ପ୍ରଭାରୀ ଆକ୍‌ବର ଅଲି, ମଧୁମିତା ସେଠୀ, ନଳିନୀ ମହାନ୍ତି, ଅଶୋକ ଦାସ, ଦିଗମ୍ବର ଦାସ, ସବିତା ଚାନ୍ଦ, ସୁଲୋଚନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷତି ସହୁଛନ୍ତି ମକା ଚାଷୀ


ଶୁଆ ନଷ୍ଟ କରିଥିବା ମକାକୁ ଚାଷୀମାନେ ଦେଖାଉଛନ୍ତି।

- ବର୍ଷା ଅଭାବ ସାଙ୍ଗକୁ କାଳ ପୋକ, ଶୁଆ
- ଅମଳ ସମୟରେ ଦାଉ ସାଧୁଛନ୍ତି

ଚମ୍ପୁଆ,୬।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ଗୋଧୂଳି ଗ୍ରାମ ମକା ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଛି। ଗୋଧୂଳି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଧାନ ଚାଷ ଅପେକ୍ଷା ମକା ଚାଷକୁ ଏଠାକାର ଲୋକ ଗୁରୁତ୍ୱ ଦେଇଥାନ୍ତି। ଅନ୍ୟପକ୍ଷରେ ଏହି ଅଞ୍ଚଳର ଚାଷ ଜମିଗୁଡିକ ଢିପ ହୋଇଥିବାରୁ ଧାନ ଅପେକ୍ଷା ମକା ଅଧିକ ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ମକା ଚାଷରେ ପୋକ ଲାଗିବା ଓ ଶୁଆମାନଙ୍କ ଦ୍ୱାରା ମକା ଫସଲ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ଅଭାବରୁ ମକା ଅମଳ ସେତେଟା ସନ୍ତୁଷ୍ଟଜନକ ହୋଇ ନଥିବା ବେଳେ ଉପରୋକ୍ତ ଦୁଇ କାରଣ ପାଇଁ ଚାଷୀ ଏଥର କ୍ଷତି ସହିଥିବା ସୂଚନା ମିଳିଛି।

ମକା ଚାଷ ଦ୍ୱାରା ଏଠାକାର ଚାଷୀ ବେଶ୍ ସ୍ୱାବଲମ୍ବୀ ହୋଇପାରିଥିବା ବେଳେ ଚାଷୀମାନେ ଉନ୍ନତ ବିହନ ଓ ସାର ପ୍ରୟୋଗ କରି ଚଳିତ ବର୍ଷ ମକା ଲଗାଇଥିଲେ। ମାତ୍ର ମକା ଗଛରେ ଫଳ ହେବା ପରେ ଠିକ ଅମଳ ସମୟରେ ମକା ଫସଲରେ ପୋକ ଲାଗିଯିବାରୁ ବହୁତଗୁଡ଼ିଏ ମକା ନଷ୍ଟ ହୋଇଯାଇଥିବା ବେଳେ ମକା ଫସଲର ବଇରୀ ସାଜିଥିବା ଶୁଆ ଚାଷୀଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଲାଣି। ପଲ ପଲ ଶୁଆ ମକା ଫଳକୁ ଅଧା ଖଣ୍ଡିଆ କରି ଦେଉଥିବାରୁ ଏହା ବିକ୍ରି ଯୋଗ୍ୟ ହୋଇ ପାରୁନାହିଁ। ଫଳରେ ଗୋଧୂଳି ଅଞ୍ଚଳର ମକା ଯୋଡ଼ା, ବଡବିଲ ଓ ଝାଡଖଣ୍ଡ ରାଜ୍ୟକୁ ରପ୍ତାନୀ ଚଳିତ ବର୍ଷ କମିଯାଇଥିବା ଦେଖାଦେଇଛି। ଚାଷୀ କାଳୀଚରଣ ନାୟକ କହିଛନ୍ତି, ମେଘୁଆ ପାଗ ହେଲେ ଶୁଆମାନେ ଶହଶହ ସଂଖ୍ୟାରେ ମକା ଫସଲ ଉପରେ ଆକ୍ରମଣ କରୁଥିବା ବେଳେ ନିଜ ଫସଲର ସୁରକ୍ଷା ପାଇଁ ଜମି ମଧ୍ୟରେ ମଞ୍ଚା କରି ଏହି ଶୁଆପକ୍ଷୀଙ୍କୁ ଘଉଡ଼ାଉଛନ୍ତି। ଏହି ଚାଷରୁ ଯାହା ଆୟ ହୁଏ ସେଥିରେ ବର୍ଷତମାମ ପରିବାର ଚଳିଥାଏ। କିନ୍ତୁ ଚଳିତବର୍ଷ କ୍ଷତି ଘଟିଥିବା କହି ଚାଷୀ ଛତ୍ରପତି ନାୟକ ଦୁଃଖ ପ୍ରକାଶ କରିଛନ୍ତି।

